## ଶ୍ରୀହରିଙ୍କର ବାଳଲୀଳା ଓ ଖନିକାରର ବିବର ନିର୍ମାଣ

ବଇବସୁତ ମନୁ ପୁଚ୍ଛ କଲେ ଅଗସ୍ତିଙ୍କି
ବଡାଇ ଚରିତ୍ର କହିଲ ବଡାଇ ରସ ବାକି ।୧ ।
ଦୂତୀର ଉଚ୍ଛିଷ୍ଟ ବସ୍ତ୍ର ଯେ ନାରାୟଣ ଦେଖିଲେ
ଆପଣା ବସ୍ତ୍ର ବୋଲି ଶ୍ରୀକରେ ଘେନିଲେ ।୨ ।
ମନେ ବିରସ ହୋଇ ପକାଇଲେ ଭୂମି
କିସ ବସ୍ତ୍ର ପିନ୍ଧିଲେ ଜଗତ-ଭୂତ ସ୍ୱାମୀ ।୩ ।
ବଦୟନ୍ତି ଅଗସ୍ତି ଶୁଣ ହୋ ମନୁ ପୁରୁଷ
ବସ୍ତ୍ର ପକାଇ ଉଲଗ୍ନେ ବସିଲେ ହୃଷୀକେଶ ।୪ ।
ବାଆଂଶ ଗୋଟିୟେ ଭାଞ୍ଜିଲେ ଦେବହରି
ଲହେଣ ଚିରିଲେ ତାହା ବେନିଫାଳ କରି ।୫ ।
କୋମଳ ସୁସଞ୍ଜ ହୋଇ ବାହାରିଲାକ ଶିର
କାଛଟା କଲେ ନେଇ ତାହା କଟିରେ କରି ଡୋର ।୬ ।
ବେଣୁ ବସ୍ତ୍ର ଗୋଟି ଯେ କଟିରେ ଭିଡିଲେ
ପୁଣ ଅଗସ୍ତିଙ୍କି ବଇବସୁତ ମନୁ ପଚାରିଲେ ।୭ ।
ଭୋ ମୁନି ଦୂତିକା ଗଲା ଯେ ରାଧିକା ଛାମୁକୁ
କିସ ଉତ୍ତର ବୋଇଲା ସରହସୁନ୍ଦରୀ ତାହାଙ୍କୁ ।୮ ।
ଅଲେଖ ତିଳକ ହୋଇ ବସିଛି ରାଧେବ
ବିଷ୍ଣୁ ଅଭିସାରିକା ୟେ ଆସିବେ ବାସୁଦେବ ।୯ ।
ଛାମୁରେ ପ୍ରବେଶ ହୋଇଲା ସରହସୁନ୍ଦରୀ ଦୂତୀ
ଝାଳେଣ ତ୍ରିପଣ୍ଡ ଯେ ବିରସ ତାର ମତି ।୧୦ ।
ସରହସୁନ୍ଦରୀକି ପଚାରଇ ରାଧିକା
କେଶବ ନୁ ଆସୁଂ ସଖୀ ଅଇଲୁ ତୁ ୟେକା ।୧୧ ।
ଦୂତୀ ବୋଇଲା ରାଧା ଯେ ତୋହୋର ଯେତେ ବେଗ
ତୁକୁ ହିଂ ତାହାର ନାହିଂ ୟେତେ ସ୍ରାଗ ।୧୨ ।
ରାଧିକା ବୋଇଲା ଆଇ ୟେ ତୋହୋର ଅଧର
ବିରସ ଦିଶଇ ତ ଚୁମ୍ବିଲା ଆକାର ।୧୩ ।
ଦୂତୀକା ବୋଇଲା ଲୋ ଶୁଣ ସଂଘାତୁଣୀ
ତୋହୋର ପାଇଂ ବୋଇଲି ଅନେକ ଚାଟୁ ବାଣୀ ।୧୪ ।
ଅନେକ ଟାଟୁ ପଟଳ କଲି ଉଜାଇଂ ପ୍ରକାଶ
କହି କହି କଣ୍ଠ ଶୁଖିଲା ତେଣୁ ମୋହୋର ଅଧର ବିରସ ।୧୫ ।
ଚାଟୁ ପଟଳ କହିଲି ଅନେକ ଯେ ରଞ୍ଜି
ମୁହିଂ ସେ ଫୁଟିଲା ତୋତେ ସେ କେବେହେଂ ନ ଭଜି ।୧୬ ।
ରାଧିକା ବୋଇଲା ଖୋପା ଖୋଷିଲି ସୁସଞ୍ଜ କରି
ଆଉଳ ହୋଇ ମୁହଂ କତିକି ପଡଇ ମାଡି ।୧୭ ।
ଦୂତୀକା ବୋଇଲା ଶୁଣ ଗୋ ରାଧେନି
ବଚନେ ନ ଭଜିଲାକୁ ତାକୁ କଲାଇ ଦୟିନି ।୧୮ ।

----------------------------

୯ କି- ।ଇଂ ୟେତବେଳ ଯାୟେ ନ ଅଇଲେ ବାସୁଦେବ ।

୯ { ଅଲେଖ ତିଳକ ହୋଇ ରାଧିକା ଛନ୍ତି ବସି
{ ଛାମୁରେ ପ୍ରବେଶ ହୋଇଲେ ଦୂତୀ ଆସି ।

ଅପାର ବେଳ ଯାୟେ ଶୁତିଲି ପାୟେ ପଡି
ତେଣୁ ସେ ଖୋପା ମୋହୋର ଲେଉଟି କପାଳକୁ ପଡି ।୧୯ ।
ରାଧା ବୋଇଲେ ଗଳାରେ ଲାଇଲି ରତ୍ନମାଳୀ

ପିଠିକତିକି ସମସ୍ତ ଥୋପାମାନ ଢଳି ।୨୦ ।
ଆଗୋ ପିଠି କତିକି ରତ୍ନମାଳୀ ହୃତକତିକି ଝୁ- ।
ଯେହେନେକ ବିଭଳିତ ହୋଇଲା ତୋହୋର କି- । ।୨୧ ।
ଦୂତୀ ବୋଇଲା ମୁହିଂ ଯେତେବେଳେ ଶୁତିଲି ପାୟେ ପଡି
ରତ୍ନମାଳ ମାନ ଲୋଟିଲା ତେଣୁ ଗଣ୍ଠି ଫେଡି ।୨୨ ।
ବିକଳେ ଝୁ- ।ମାନ ଆଗକତିକି ଦେଲି ଲେଉଟାଇ
ହସ୍ତକେ ଗଣ୍ଠି ମୁଠି ଧଇଲି ନିଠାଇ ।୨୩ ।
ତେମନ୍ତେ ଯେଣିକି ଲେଉଟିଲା ପାଟଝୁ- ।
ରାଧିକା ବୋଇଲା ସଖି ତୋ ପିଠିରେ ଧୂଳି କି- । ।୨୪ ।
ଯେତେବେଳେ ସଖି ଗୋ ଧଇଲି ମାଳୀର ଗଣ୍ଠି ମାନ
ଲେଉଟାଇ ପାଡିଲା ମୋତେ ମୁଂ ପଡିଲି ଉତ୍ତାନ ।୨୫ ।
ତେମନ୍ତେ ପିଠିରେ ଗୋ ମୋହୋର ଲାଗିଲାକ ଧୂଳି
ତୋହୋରେ ସହିଲି ମୁଂ ଯେତେକ ଆଗଦୋଳି ।୨୬ ।
ରାଧିକା ବୋଇଲେ ଆଇ ଯେ ତୋହୋର କାୟେ
ବିଦାରି ହୋଇଅଛି ଲଖ ଦନ୍ତ କ୍ଷତ ପ୍ରାୟେ ।୨୭ ।
ଦୂତୀ ବୋଇଲା ଅପାର ଘାନ୍ତି ଯହୁଂ ଶୁତୁଲି ଗଡଘାଲି
ନ ଯାଇଂ ନ ଯାଇଂ ବୋଲି ମୋତେ ପାଦରେ ଦିଲା ପେଲି ।୨୮ ।
କଣ୍ଟିକା ଲଟାୟେ ମୁଂ ପଡିଲି ମୁହଂ ମାଡି
କଣ୍ଟାମାନ ଲାଗି ଶରୀର ମୋର ଛିଡି ।୨୯ ।
ରାଧିକା ବୋଇଲେ ମୁହିଂ ତୋତେ ପିନ୍ଧାଇଲି ମୋହୋର ଝୀନଶାଢି
ପୁରୁଷ ବସ୍ତ୍ର ଗୋଟିଏ ଅଇଲୁ କିପରି ପିନ୍ଧି କରି ।୩୦ ।
ଦୂତିକା ବୋଇଲା ମୁଂ ଅନେକ ବୋଇଲି ବିନୋୟି
ଯେତେ କଷ୍ଟ ଦେଖି ଆସିବାକୁ ସନମତ କଲା ସେହି ।୩୧ ।
ଯେତେ କଷ୍ଟରେ ସେ ସନମତ କଲା
ଆଜ ରାତ୍ରରେ ତାହାର ପୁରକୁ ଯିବି ସେ ବୋଇଲା ।୩୨ ।
-------------------------------
୩୧ ।୨ ଯେତେ କଷ୍ଟ ଦେଖି ଆସିବାକୁ ସନମତ କଲା କହ୍ନାଇ ।

ମୁହିଂ ବୋଇଲି ଯେବେ ଯିବୁ ଆଜର ନିଶି
ମୋହୋର ହାଥେ ରାଧିକାକୁ ସନ୍ତକ ଦେସି ।୩୩ ।
ରାଧା ସ-୍ତେ ଯାଉ ତୋହୋର ସନ୍ତକ ଦେଖି
ସନ୍ତକ ଦେଖିଲେ ସ-୍ତେ ଯାଉ ଚନ୍ଦ୍ରମୁଖୀ ।୩୪ ।
କୃଷ୍ଣ ବୋଇଲେ କିଛି ସନ୍ତକ ନାହିଂ ଗୋ ଦୂତିକା
ପିନ୍ଧିଲାର ବସ୍ତ୍ର ଅଛି ମାତ୍ର ମୋର ଯେକା ।୩୫ ।
ମୁହିଂ ବୋଇଲି ଯେହା ଦେବୁ ନ ପାଲଟି
ତୁ ପିନ୍ଧ କହ୍ନଇ ରାଧିକା ଶାଢି ଗୋଟି ।୩୬ ।
ତୋର ବସ୍ତ୍ର ବୋଲି ହୋଇଲା ଉଷତ
ସେ ଶାଢି ଆପଣେ ପିନ୍ଧିଲେ ଜଗନ୍ନାଥେ ।୩୭ ।
ତାହାଙ୍କର ପିନ୍ଧିଲା ବସ୍ତ୍ର ମୁହିଂ ପିନ୍ଧିଲି
ପରଚେ ନିମନ୍ତେ ମୁହିଂ ସନ୍ତକ ଆଣିଲି ।୩୮ ।
ଶୁଣିଣ ରାଧିକା ଯେ ପରମ ସାନନ୍ଦ ଚିତ୍ତ
ମୋହୋର ପାଇଂ ଆଇ ପାଇଲା ଦୁଖ ବହୁତ ।୩୯ ।
ଅନେକ ବିକଳ ଯେ ହୋଇଲେ ରାଧିକା
ବାଳୁତ କୁମାରୀକଇ ଭଣ୍ଡିଲା ଦୂତିକା ।୪୦ ।
ଟସକର କହିଲା ଦେବ ଶୁଣିମା ବିଦୁର

ଦୁତିକାକୁ ନାରାୟଣ କଲେ ଯେ ଶୃଙ୍ଗାର ।୪୧ ।
ସହରସୁନ୍ଦରୀ ଗର୍ଭେ ଯେ ପଡିଲା ବାସୁଦେବର ବୀର୍ଯ୍ୟ
ନବମାସେ ଉତପତ୍ତି ମୁଂ ଯେ ହୋଇଲି ଆତ୍ମଜ ।୪୨ ।
ସହରସୁନ୍ଦରୀ ବୋଇଲା ୟେ ତୋହୋର ବୀର୍ୟ୍ୟେ ହେଟି
ତୋତେ ସେବା କରି ଥାଉ ୟେ ମୋହୋର ପୁତ୍ର ଗୋଟି ।୪୩ ।
ଦୂତିକାର ଗର୍ଭରୁ ମୁଂ ହୋଇଲି ଅବତାର
ନାମ ମୋହୋର ହରି ଦିଲେ ଖଲ୍ୟକାର ।୪୪ ।
ବ୍ରହ୍ମାଙ୍କର ଦିଲା ଯେ ଲକ୍ଷଣା ପ୍ରତକ୍ଷେ
ତାହା ମାହାର ହାଥେ ଆଣି ଦିଲେକ ଶ୍ରୀବଚ୍ଛେ ।୪୫ ।
ମୋତେ ବୋଇଲେ ରେ ତୁ କଥାୟେକ କର
କଦମ୍ବ ତଳକୁ ଜୁଣେ ଯେ ରାଧିକାର ପୁର ।୪୬ ।
------------------------
୪୧ ।୨ ଦୂତିକାକୁ ଶୃଙ୍ଗାର କଲେ ନାରାୟଣ ନିର୍ଭର ।

ୟେହି କଦମ୍ବ ତଳକୁ ବିମ୍ବର ଗୋଟିଏ ଖୋଳିବୁ
ରାଧିକାଙ୍କର ପଲଙ୍ଗ ତଳେ ନେଇଣ ଫୁଟାଇବୁ ବାବୁ ।୪୭ ।
ନାରାୟଣଙ୍କ ଆଗ୍ୟାଂୟେ ମୁଂ ଖୋଳିଲି ବିମ୍ବର
ରାଧିକାର ପୁରେ ଫୁଟିଲା ଦିନ ଯେ ଅଠର ।୪୮ ।
ତାଳେକ ଉସ୍ର୍ଗ ବିସ୍ତାର ତାଳ ତିନି
ରାଧିକା ଲୁଚାଇ ଥାଇ ବିମ୍ବର ପଥରେକ ଘେନି ।୪୯ ।
ରାତ୍ର ହୋଇଲେ ଯେ ଗୁଆଳକୁ ନିଦ୍ରା କରାଇ
ବିମ୍ବରେ ପଶି ରାଧିକା କଦମ୍ବ ମୂଳକୁ ଯାଇ ।୫୦ ।
ଇଚ୍ଛାୟେ ଶୃଙ୍ଗାର ଦିଅଇ ସେ ଚନ୍ଦ୍ରବଦନୀ
ଗୋପାଳ କତିରେ ଯାଇ ଶୋଅଇ ରଜନୀ ।୫୧ ।
ମୋହୋର ଚରିତ୍ର ତୁମ୍ଭେ ଶୁଣସି ବିଦୁର
ଖଲ୍ୟକାର ନାମେଣ ମୁଂ ଅଟଇ ଟସକର ।୫୨ ।
ଶୁଣିଣ ବିଦୁର ବିଚାରଇ ପରମାର୍ଥ
ୟେହି ମୋହୋର ପୁଅକଇଂ ହୋଇବାକ ହିତ ।୫୩ ।
ବିଦୁର ପୁଚ୍ଛା କଲେ ଶୁଣରେ ମହାବଳୀ
କେତେ ଦୂର ତୁ ହୋ ବିମ୍ବର ପାରୁ ଖୋଳି ।୫୪ ।
ଖଲ୍ୟକାର ବୋଲେ ଯାହାର ଯେତେ ଦୂରେ ହୁଅଇ କାର୍ଯ୍ୟ
ତେତେକ ସ- ।ଦି ମୁଂ ପାରଇ ଗ୍ରାହିଜ ।୫୫ ।
ଶୁଣିଣ ବିଦୁର ଯେ ପରମ ସାନନ୍ଦେ
ଟସକର ଘେନିଣ ଚଳିଲେ ନିଜ ଫନ୍ଦେ ।୫୬ ।
ତୁ ଯେବେ ଚଉର୍ଯ୍ୟ ରେ ଭେଟିଲୁନି ମୋତେ
ଆବର ବେଳେ ଚଉର୍ଯ୍ୟପଣ କରିବୁ କେମନ୍ତେ ।୫୭ ।
ଦୁଇ ଅଧିକାର ବିଦୂରର ହସ୍ତିନା ନଗରୀ
ନଗ୍ର ରକ୍ଷା କରଇ ଆବର ଭଣ୍ଡାର ଅଧିକାରୀ ।୫୮ ।
ରାତ୍ରେଣ ବିଦୁର ତୁଲେ ଘେନିଣ ଖଲ୍ୟକାର
ଭଣ୍ଡାରୁ ପାଣିଦ୍ରବ୍ୟ ଦିଲେ ୟେକ ଭାର ।୫୯ ।
ସୁଖେଣ ବିଳସ ତୁ ରହି ହସ୍ତିନାପୁର
ଆବର ବେଳେ ଚଉର୍ଯ୍ୟ ପଣ ନ କରିବୁ ଖଲ୍ୟକାର ।୬୦ ।
ଧନ ରତ୍ନ ମାନ ପୋତି ଥୋଇଲା ନିଜପୁରେ
ଅନୁବ୍ରତେ ଗୋଡାଇ ଥାଇ ବିଦୁରଙ୍କ ସଙ୍ଗତରେ ।୬୧ ।
ଦିନେକ ଟସକର ବୋଇଲା କର ଯୋଡି

ତୁମ୍ଭେ ଯେ ମୋତେ ପୋଷୁ ଅଛ ମୁଇଂ କିସ ଉପୁଗାରୀ ।୬୨ ।
ବିଦୁର ବୋଇଲେ ମୁଇଂ ତୋତେ ପୋଷୁ ଅଛି
ତୋହୋରେଣ ମୋତେ ଅନେକ କାର୍ଯ୍ୟ ଅଛି ।୬୩ ।
କେବଣ ମୋତେ ତୋତେ ମୁଂ କରିବି କାରଣ
ଆଗ୍ୟାଂ ଦିଅ ମୋତେ ଭିଆଇବି ୟେହ୍ନିକ୍ଷଣ ।୬୪ ।
ବିଦୁରେ ବୋଇଲେ ତୁ ଯେବେ ଗର୍ଭେ କରୁ ଗୋପ୍ୟ
କାହାରି ଅଗ୍ରତେ ନ କହିବୁଟି ରେ ମୋହୋର ବାପ ।୬୫ ।
ତେବେ ସେ ବାବୁ ରେ କହି ପାରଇ ତୋତେ
ଖଲ୍ୟକାର ବୋଇଲା ମୁଂ ନୋହଇ ୟେମନ୍ତେ ।୬୬ ।
ମୀନମାସ  କୃଷ୍ଣପକ୍ଷ ଦୁତୀୟା ଭୃଗୁବାର
ହସ୍ତା ନକ୍ଷତ୍ରର ଶେଷ ଭୋଗ ସେ ଦିନର ।୬୭ ।
ଖଲ୍ୟକାର ଘେନି ଅମ୍ବୁବତୀର ବାଳ
ବେନିଜନେ ମିଳିଲେ ଯାଇ ସୁରନଦୀ କୂଳ ।୬୮ ।
ପଥ ବୁଲାଇଣ ଘେନିଣ ଗଲେ ଟସକରକୁ
ଜଦୁର ଘରେ ନେଇ ଭେଟାଇଲେ ତାହାକୁ ।୬୯ ।
ସୁରନଦୀ କୂଳକୁ ଜଦୁର ଘର ୟେକାଦଶ ଜୁଣ
ବାବୁ ବିମ୍ବର ଗୋଟିୟେ ତହିଂ କରିବୁ ନିରିବାଣ ।୭୦ ।
ଖଲ୍ୟକାର ବୋଇଲା କିସ ତୋହୋର ଚିନ୍ତା
ମୁହିଂ ସେ ୟେହା ଯେ ଅଟଇ ବିହନ୍ତା ।୭୧ ।
ନାରାୟଣ ସୁମରି ସେ କଲା ଶୁଭ ଅନକୂଳ
ତ୍ରିଶିରା ପର୍ବତ ତଳୁଂ ଖୋଳଇ ବିମ୍ବର ।୭୨ ।
ବିଦୁରେ ବୋଇଲେ ଦ୍ୱାପରଯୁଗ ଦେଉଳ ଉଚ୍ଚ ଯେତେ
ଆଠ ସହସ୍ର ଆଠ ଶତ ଅଠାଇଶ ହାଥ ପରିଯନ୍ତେ ।୭୩ ।
ଉଚ୍ଚ ହୋଇବ ଯେ ବିସ୍ତାର ହୋଇବ ତେତେ
ଉଭାରେ ଜଣେ ଯିବ ଆସିବ ସଂପୋତେ ।୭୪ ।
ଟସକର ବୋଇଲା ତୋହୋର କାର୍ଯ୍ୟ ଯେତେ
ଆହୁରି ବିସ୍ତାର ମୁଂ କରି ପାରଇ ତେତେ ।୭୫ ।
ଖଲ୍ୟକାର ବିମ୍ବରେ ଲଗାଇ ବିଦୁର
ରାତ୍ରେ ଆପେଣ ନେଇ ଦିଅନ୍ତି ଅନ୍ନ ଜଳ ।୭୬ ।
ମକର ମାସ ଶୁକଳ ପକ୍ଷ ପୂର୍ଣ୍ଣୀମୀର ଦିନ
ମଙ୍ଗଳବାର ନକ୍ଷତ୍ର ସେ ଦିନ ପର୍ବଫାଲଗୁନ ।୭୭ ।
ସେ ଦିନ ହରି ବଳରାମ ବେନି ଭ୍ରାଥେ
ପ୍ରବେଶ ହେଲେ ହସ୍ତିନା ରାଜ୍ୟେ କୁରୁନାଥ ଅଗ୍ରତେ ।୭୮ ।
ବିଦୁରେ ଦେଖିଲେ ରାମ କୃଷ୍ଣ ବେନି
ଅନେକ ପୂଜା କଲେ ବିନୋୟ ଦୟିନି ।୭୯ ।
ଆସ୍ତାନୁଂ ଉଠି ଦେବ ବିଜେ କରି ଯାନ୍ତେ
ପଛେଣ ଗୋଡାଇ ଅଛନ୍ତି ଅମ୍ବୁବତୀର ସୁତେ ।୮୦ ।
ଆଗ ହୋଇ ଗଲେ ଦେବ ବଳରାମେ ତୁରିତେ
ୟେକାନ୍ତେ ବିଦୁରକୁ ପୁଛା କଲେ ଜଗନ୍ନାଥେ ।୮୧ ।
ଧୃତରାଷ୍ଟ ପାଣ୍ଡବଙ୍କୁ ଯେ ଚିନ୍ତଇ ପରସାଦ
ସେ ପାର ହୋଇବେ ୟେକା ତୋହୋର ପରସାଦ ।୮୨ ।
ବିଦୁରେ ବୋଇଲେ ମୋତେ ନ କହ ଯେତେ କଥା
ସ୍ୱାମୀ ତୋତେ ସେ ଲାଗଇ ପାଣ୍ଡବଙ୍କ କଥା ।୮୩ ।
ଦ୍ରିଯୋଧନ କୂଟେ ଝିମାଣିଶଳ କଲା ବାରୁଣାପ୍ରଶସ୍ତେ
ଜଦୁର ଘରେ ଦହନ କରାଇବ ପୁରଞ୍ଜନ ପଣ୍ଡା ହାଥେ ।୮୪ ।

ଖଲ୍ୟକାର ନାମେଣ ଯେ ୟେକଇ ଟସକର
ତାହାକୁ ଲଗାଇ ମୁହିଂ କରାଉଅଛି ବିମ୍ବର ।୮୫ ।
ରାତ୍ରକାଳେ ଦେବ ସେ ଯେ ଜଦୁର ଘର ଜାଳି
ସେ ବିମ୍ବର ବାଟେ ପାଣ୍ଡବେ ରାତ୍ରେ ଯିବେ ଗଳି ।୮୬ ।
ନାରାୟଣ ବୋଇଲେ ସେ ଖଲ୍ୟକାର ଚଉର୍ଯ୍ୟ
ସରହସୁନ୍ଦରୀ ପୁତ୍ର ସେ ଆମ୍ଭର ଆତ୍ମଜ ।୮୭ ।
ଆମ୍ଭେ ଶିଖାଇଲୁ ତାହାକୁ ଚଉର୍ଯ୍ୟପଣ ବିଦ୍ୟା
ବିମ୍ବର ଖୋଳି ପାରଇ ସେ ବଚନ ସଂସିଦ୍ଧା ।୮୮ ।
ବିଦୁରେ ବୋଇଲେ ହୋ ଶୁଣିମା ଗୋସାଇଂ
ଖଲ୍ୟକାର ବଚନ ସେ ଆହୁରି ଅଛି କହି ।୮୯ ।
ସେ ଯେ ଖୋଳୁଅଛି ଦେବ ବିମ୍ବର ଗୋଟି
ଅସମ୍ଭାଳ ହୋଇ କାହିଂ ସମ୍ଭାଳିବ ମାଟି ।୯୦ ।
ଖୋଳିବାକୁ ଶକତା ସେ ଅଟଇ ଦାମୋଦର
କେମନ୍ତେ ପ୍ରକାରେ ମାଟି ହୋଇବାକ ଦୂର ।୯୧ ।
ବିଦୁର ତହୁଂ ୟେସନେକ ବଚନ ଶୁଣି
ମନେ ମନେ ସେ ବିଚାର କରନ୍ତି ଚକ୍ରପାଣି ।୯୨ ।
ୟେତେ ବୋଲି ବିଶ୍ୱ ମୂର୍ତ୍ତିକି ଧଇଲେ
ବେନି ଭୁଜରୁ ବେନି ପୁରୁଷ ଭିଆଇଲେ ।୯୩ ।
ଛାୟା ମାୟା ନାମେ ଯେ ଅଟନ୍ତି ବେନି ବୀର
ତାହାନ୍ତ ରାଇ ଆଗ୍ୟାଂ ଦିଲେକ ଦାମୋଦର ।୯୪ ।
ତୁମ୍ଭେ ଦୁହେଂ ୟେବେ ସୁରନଦୀ କୂଳକୁ ଯିବ
ଖଲ୍ୟକାର ବାମ ଡାହାଣେ ଲାଗିଥିବ ।୯୫ ।
ୟେତେକ ଭୂମି ସେ ଖୋଳିବ ପ୍ରତକ୍ଷ
ସେ ମୃତ୍ତିକାମାନ ତୁମ୍ଭେ ଦୁଇଭାଇ ଭକ୍ଷ ।୯୬ ।
ତ୍ରୋଟ ଅନଳ ଯେ ଥୋଇଲେ ତାହାଙ୍କର ଗର୍ଭେ
ସେ ମୃତ୍ତିକାମାନ ଦହନ ହୋଇବ ପଡିଲେ ଉଦର ଭାଗେ ।୯୭ ।
ନାରାୟଣଙ୍କ ଆଗ୍ୟାଂୟେ ସେ ମହାବୀର ବେନି
ଖଲ୍ୟକାରକୁ ସପକ୍ଷ ହୋଇଲେ ମୃତ୍ତିକା ଦହନ କଲେ ଭାଇ ବେନି ।୯୮ ।
ଖୋଳନ୍ତି ଟସ୍କର ଯେ ଭକ୍ଷନ୍ତି ବେନି ଦକ୍ଷ
ତିନିହେଂ ବିମ୍ବର ଯେ ଭିଆଇଲେ ପ୍ରତକ୍ଷ ।୯୯-୬୫୦୬ ।

**************